ଶ୍ରୀଶ୍ରୀଗୁରୁଗୌରାଙ୍ଗୌ ଜୟତଃ

# ଶ୍ରୀଳ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର 'ପ୍ରଭୁପାଦ'ଙ୍କ ଉପଦେଶାମୃତ

## ଶ୍ରୀଳ ପ୍ରଭୁପାଦଙ୍କ ଜୀବନ ଚରିତ

ଏହି ମହାପୁରୁଷ ଶୁଦ୍ଧଭାଗବତ ଧର୍ମର ବିଶ୍ୱବ୍ୟାପୀ ପ୍ରଚାର ଦ୍ୱାରା ଧର୍ମଜଗତରେ ଯୁଗାନ୍ତର ଆଣିଥିଲେ । ସେ ୧୮୭୮ ଖ୍ରୀଷ୍ଟାବ୍ଦ ଫେବୃୟାରୀ ୭ ତାରିଖରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ 'ନାରାୟଣ ଛତାର' ସଂଲଗ୍ନ ବୈଷ୍ଣବଶ୍ରେଷ୍ଠ ସପ୍ତମ ଗୋସ୍ୱାମୀ ଶ୍ରୀଳ ସଚ୍ଚିଦାନନ୍ଦ ଭକ୍ତିବିନୋଦ ଠାକୁରଙ୍କ ଗୃହରେ ଶ୍ରୀଭଗବତୀ ଦେବୀଙ୍କ କୋଳ ମଣ୍ଡନ କରି ଅବିର୍ଭୂତ ହୋଇଥିଲେ । ଠାକୁର ଭକ୍ତିବିନୋଦ ଶ୍ରୀଜଗନ୍ନାଥଙ୍କ ପରାଶକ୍ତି ଶ୍ରୀବିମଳାଦେବୀଙ୍କ ନିକଟରେ ଭାଗବତ ପାଠ କରୁଥିଲେ, ତାଙ୍କରି କୃପାରୁ ପୁତ୍ର ପାଇଥିବାରୁ ପୁତ୍ରର ନାମ ରଖିଲେ 'ବିମଳାପ୍ରସାଦ' । ସେଇ ବର୍ଷ ରଥଯାତ୍ରାରେ ରଥ ଠାକୁର ଭକ୍ତିବିନୋଦଙ୍କ ଘରଠାରୁ ଆଉ ଆଗକୁ ଗଲାନାହିଁ । ଛଅମାସର ଶିଶୁ ମାଆଙ୍କ ସହିତ ଆସି ଶ୍ରୀଜଗନ୍ନାଥଙ୍କ ଚରଣ ଆଲିଙ୍ଗନ ଓ ପ୍ରସାଦିମାଳା ଗ୍ରହଣ କଲା ପରେ ରଥ ଆଗକୁ ଚାଲିଲା । ଭକ୍ତିବିନୋଦ ଠାକୁର ମହାପ୍ରସାଦ ଦ୍ୱାରା ଶିଶୁର ଅନ୍ନପ୍ରାଶନ କରାଇଥିଲେ ।

ସପ୍ତମଶ୍ରେଣୀ ପଢ଼ିଲା ବେଳେ ଠାକୁର ଭକ୍ତିବିନୋଦ ବାଳକଙ୍କୁ ତୁଳସୀ ମାଳା, ହରିନାମ ଓ ନୃସିଂହ ମନ୍ତ୍ର ପ୍ରଦାନ କଲେ ଏବଂ ଶ୍ରୀଚୈତନ୍ୟ ଶିକ୍ଷାମୃତ ଗ୍ରନ୍ଥ ପାଠ କରାଇଲେ । ବାଲ୍ୟକାଳ ଭକ୍ତିବିନୋଦ ଠାକୁରଙ୍କ ସଙ୍ଗରେ ନାନା ତୀର୍ଥ ଭ୍ରମଣ, ଭକ୍ତିଗ୍ରନ୍ଥପ୍ରକାଶ କାର୍ଯ୍ୟରେ ସହାୟତା ଓ ବୈଷ୍ଣବମାନଙ୍କ ଚରିତ୍ର ଶ୍ରବଣରେ ଅତିବାହିତ ହୋଇଥିଲା । ସେତେବେଳେ ତାଙ୍କର ଗଣିତ ଜ୍ୟୋତିଷ ଶାସ୍ତ୍ରରେ ଅଦ୍ଭୁତ ପ୍ରତିଭା ଲକ୍ଷିତ ହୋଇଥିଲା । ୧୯୦୦ ସାଲରେ ପରମହଂସ ମହାଭାଗବତପ୍ରବର ଶ୍ରୀଳ ଗୌରକିଶୋର ଦାସ ବାବାଜୀ ମହାରାଜଙ୍କ ଠାରୁ ଭାଗବତୀ ଦିକ୍ଷା ଗ୍ରହଣ କଲେ । ସେ ୧୮୯୮ ଖ୍ରୀଷ୍ଟାବ୍ଦରେ ମହେଶଚନ୍ଦ୍ର ଚୁଡ଼ାମଣିଙ୍କ ଟୋଲରୁ 'ସିଦ୍ଧାନ୍ତ ସରସ୍ୱତୀ' ଉପାଧି ପ୍ରପ୍ତ ହେଲେ । ୧୯୧୮ ସାଲରେ ସନ୍ନ୍ୟାସ ଗ୍ରହଣ କରି ପରିବ୍ରାଜକାଚାର୍ଯ୍ୟ ତ୍ରିଦଣ୍ଡୀସ୍ୱାମୀ 'ଶ୍ରୀମତ୍‌ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ' ନାମରେ ପରିଚିତ ହେଲେ ।

ବିଶେଷ ସ୍ଥଳେ ସେ 'ଶ୍ରୀବାର୍ଷଭାନବୀଦୟିତଦାସ' ନାମରେ ନିଜ ପରିଚୟ ଦେଇଥିଲେ । ୧୯୦୦ ସାଲରେ ଭକ୍ତିବିନୋଦ ଠାକୁରଙ୍କ ସହିତ ଓଡ଼ିଶାର ସମସ୍ତ ତୀର୍ଥ ଭ୍ରମଣ ଏବଂ ପୁରୀର ତଦାନୀନ୍ତନ ସଜ୍ଜନବୃନ୍ଦଙ୍କ ଆଗ୍ରହରେ ସୁପ୍ରାଚୀନ ସାତଆସନ ମଠର ଅନ୍ୟତମ ଗିରୀଧାରୀ ଆସନର ସେବା ଭାର ଗ୍ରହଣ କରି ପୁରୀରେ ହରିକଥା ପ୍ରଚାର ଏବଂ "ବୈଷ୍ଣବ ମଞ୍ଜୁଷା" ନାମକ ବୈଷ୍ଣବ ବିଶ୍ୱକୋଷ ସଂକଳନ ସକାଶେ ପୁରୀରୁ ଓ ବିଭିନ୍ନ ମଠରୁ ତଥ୍ୟାଦି ସଂଗ୍ରହ କରିଥିଲେ ।

୧୯୦୨ ସାଲରେ ପୁରୀ ସମୁଦ୍ରୋପକୂଳରେ ଭକ୍ତିବିନୋଦ ଠାକୁରଙ୍କର ଭକ୍ତିଭବନରେ ଠାକୁରଙ୍କ ସମ୍ମୁଖରେ ଶ୍ରୀଚୈତନ୍ୟ ଚରିତାମୃତ ବ୍ୟାଖ୍ୟା କାଳରେ ପୁରୀର ବହୁ ବିଶିଷ୍ଟ ଶ୍ରୋତା ଆସି ସେହି ବ୍ୟାଖ୍ୟା ଶ୍ରବଣ କରୁଥିଲେ । ପୁରୀରେ ଥିବା ସମୟରେ ସରସ୍ୱତୀ ଠାକୁରଙ୍କ ସହିତ ପୁରୀ ଗୋବର୍ଦ୍ଧନ (ଶଙ୍କରାଚାର୍ଯ୍ୟ) ମଠର ମଠାଧୀଶ ମଧୁସୂଦନ ତୀର୍ଥ, ହରିଦାସ ଠାକୁର ସମାଧି ମଠର ଶ୍ରୀବାସୁଦେବ ରାମାନୁଜ ଦାସ, ଏମାର ମଠର ଶ୍ରୀରଘୁନନ୍ଦନ ରାମାନୁଜ ଦାସ, ପାପଡ଼ିୟା ମଠର ଶ୍ରୀଜଗନ୍ନାଥ ଦାସ, ସ୍ୱର୍ଗଦ୍ୱାର ଛତାର ଓଁକାର ବୃଦ୍ଧତାପସ, ଗଙ୍ଗାମାତା ମଠର ଶ୍ରୀବିହାରୀ ଦାସ ପୂଜାରୀ, ରାଧାକାନ୍ତ ମଠର ଅଧିକାରୀ ଶ୍ରୀନରୋତ୍ତମ ଦାସ, ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର ପ୍ରଭୃତି ସଜ୍ଜନମାନଙ୍କ ସହିତ ଧର୍ମ ଚର୍ଚ୍ଚା ହେଉଥିଲା । ୧୯୦୫ ସାଲରେ ଫେବୃୟାରୀ ୨୩ ତାରିଖରେ ଦକ୍ଷିଣଭାରତର ତୀର୍ଥ ପର୍ଯ୍ୟଟନ ପାଇଁ ପୁରୀରୁ ବହିର୍ଗତ ହେଲେ ।

୧୯୦୯ ସାଲ ଫେବୃୟାରୀ ମାସରୁ ଶ୍ରୀମାୟାପୁରରେ ଭଜନ କୁଟୀ ନିର୍ମାଣ କରି ସେଠାରେ ଭଜନ କଲେ । ୧୯୧୧ ସାଲରେ ମେଦିନୀପୁର ବାଲିଘାଇ ନାମକ ସ୍ଥାନରେ ଏକ ମହତୀ ସଭାରେ ବୈଷ୍ଣବବିରୋଧୀ ସ୍ମାର୍ତ୍ତ ମତବାଦକୁ ଖଣ୍ଡନ କରି ବ୍ରାହ୍ମଣ ଓ ବୈଷ୍ଣବ ମଧ୍ୟରେ ତାରତମ୍ୟ ନିର୍ଦ୍ଦେଶ କଲେ । ୧୯୧୪ ସାଲରେ ଭକ୍ତିବିନୋଦ ଠାକୁରଙ୍କ ନିତ୍ୟଲୀଳାରେ ପ୍ରବେଶ ପରେ ତାଙ୍କର ପ୍ରତିଷ୍ଠିତ 'ସଜ୍ଜନ ତୋଷଣୀ' ମାସିକ ପତ୍ରିକା ସତସ୍ୱତୀ ଠାକୁରଙ୍କ ସମ୍ପାଦିତାରେ ପୁନଃ ପ୍ରକାଶିତ ହେଲା । 'ଉତ୍କଳେ ପୁରୁଷୋତ୍ତମାତ୍' 'ଉତ୍କଳ ପୁରୁଷୋତ୍ତମ ଧମରୁ ସାରା ବିଶ୍ୱରେ ଶୁଦ୍ଧ ବୈଷ୍ଣବ ଧର୍ମ ପ୍ରଚାର ହେବ' ଏହି ବ୍ୟାସ ବାଣୀର ମର୍ଯ୍ୟାଦା ସ୍ଥାପନ ସକାଶେ ୧୯୨୨ ସାଲ ଜୁନ୍‌ମାସ ୯ତାରିଖରେ ପୁରୀରେ ଭକ୍ତିକୁଟୀରରେ 'ଶ୍ରୀପୁରୁଷୋତ୍ତମ ମଠ' ସ୍ଥାପନ କଲେ

ଏବଂ ପ୍ରଚାର କଲେ । ୧୯୨୨ ସାଲ ଅଗଷ୍ଟ ମାସ ୧୯ତାରିଖରେ ଶ୍ରୀଗୌଡ଼ୀୟ ମଠର ମୁଖପତ୍ର ସାପ୍ତାହିକ 'ଗୌଡ଼ୀୟ' ପ୍ରଥମେ ପ୍ରକାଶ କଲେ । ୧୯୨୪ ସାଲ ଜୁଲାଇ ୭ତାରିଖରେ ଭୁବନେଶ୍ୱରରେ 'ତ୍ରିଦଣ୍ଡୀ ମଠ' ପ୍ରତିଷ୍ଠା କଲେ । ୧୯୨୪ ସାଲ ଡିସେମ୍ବର ମାସ ୧୬ ତାରିଖରେ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଓ ବିଦ୍ୱନ୍ମଣ୍ଡଳୀମଣ୍ଡିତ ସଭାରେ ଧର୍ମ ଜଗତରେ ବୈଷ୍ଣବ ଦର୍ଶନର ସ୍ଥାନ ସମ୍ବନ୍ଧରେ ଅଭିଭାଷଣ ପ୍ରଦାନ କଲେ । ପଣ୍ଡିତ ମଦନମୋହନ ମାଲବ୍ୟ ଗୌଡ଼ୀୟ ମଠକୁ ଆସି ସରସ୍ୱତୀ ଠାକୁରଙ୍କ ଠାରୁ ଭାଗବତ ବାଣୀ ଓ ଆଗମପ୍ରାମଣ୍ୟରୁ ଦୈବବର୍ଣ୍ଣାଶ୍ରମ ଧର୍ମର ବିଚାର ଶ୍ରବଣ କଲେ । ୧୯୨୮ ସାଲରେ କଟକରେ 'ଶ୍ରୀସଚ୍ଚିଦାନନ୍ଦ ମଠ' ସ୍ଥାପନ କଲେ ।

ଏହି ମହାପୁରୁଷ ୧୯୨୭ ସାଲର ଜୁନ୍‌ମାସରୁ ସଂସ୍କୃତ, ହିନ୍ଦି ଓ ଇଂରାଜୀ ତିନି ଭାଷାରେ "ସଜ୍ଜନତୋଷଣୀ" ବା "The Harmonist" ପତ୍ରିକା ପ୍ରକାଶ କଲେ । ୧୯୨୯ ସାଲର ଜାନୁୟାରୀ ମାସରେ ଆମେରିକାର ଓହିଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ମିଃ. ଆଲବର୍ଟ, ଇ. ସଜାର୍ସ ନାମକ ମନୀଷୀଙ୍କ ନିକଟରେ ଖ୍ରୀଷ୍ଟଧର୍ମଠାରୁ ଗୌଡ଼ୀୟ ଧର୍ମର ବୈଶିଷ୍ଟ୍ୟ କଥା କୀର୍ତ୍ତନ କଲେ । ଏହି ବର୍ଷ ଅଲାରନାଥ ମନ୍ଦିର ସଂସ୍କାର କାର୍ଯ୍ୟ ଆରମ୍ଭ କଲେ ଏବଂ କଲକତା ଆଲବର୍ଟ ହଲରେ ଗୌଡ଼ୀୟ ଦର୍ଶନ ସମ୍ବନ୍ଧରେ ଅଭିଭାଷଣ ପ୍ରଦାନ ।

୧୯୩୧ ସାଲରେ ଶ୍ରୀଧାମ ମାୟାପୁରରେ ଠାକୁର ଭକ୍ତିବିନୋଦ ଇନିଷ୍ଟ୍ୟୁଟ୍ ଉଦ୍‌ଘାଟନ ଏବଂ ଅଲାରନାଥ ବ୍ରହ୍ମଗୌଡ଼ୀୟ ମଠ ସ୍ଥାପନ । ୧୯୩୨ ସାଲରେ ମାନ୍ଦ୍ରାଜର ଗଭର୍ଣ୍ଣର ମାନ୍ୟବର ଫ୍ରେଡ଼୍‌ରିକ୍ ଷ୍ଟାନ୍‌ଲି, ମାନ୍ଦ୍ରାଜ ଗୌଡ଼ୀୟ ମଠର ଶ୍ରୀକୃଷ୍ଣ ହଲର ଭିତ୍ତି ସ୍ଥାପନ କରି ସରସ୍ୱତୀ ଠାକୁରଙ୍କ ମୁଖରୁ ଶ୍ରୀଚୈତନ୍ୟବାଣୀ ଶ୍ରବଣ କଲେ ।

୧୯୩୩ ସାଲ ମାର୍ଚ୍ଚମାସରେ ୟୁରପରେ ପ୍ରଚାର ପାଇଁ କେତେକ ପ୍ରଚାରକଙ୍କୁ ପ୍ରେରଣ କଲେ । ଲଣ୍ଡନରେ ଗୌଡ଼ୀୟ ମଠ କାର୍ଯ୍ୟାଳୟ ସ୍ଥାପନ । ତେଲ୍‌ଗୁ ଓ ଇଂରାଜୀ ଭାଷାରେ 'ଶ୍ରୀଚୈତନ୍ୟ ଶିକ୍ଷାମୃତ' ଓ 'ଜୈବଧର୍ମ' ଏବଂ 'ହାରମୋନୀଷ୍ଟ୍' ପାକ୍ଷିକ ଆଦି ପ୍ରଚାର ଓ ପ୍ରକାଶ କଲେ ।

ଏହିପରି ଶ୍ରୀଚୈତନ୍ୟ ମନୋଭୀଷ୍ଟ ସେବା କରି ସେ ୧୯୩୭ ଜାନୁୟାରୀ କୃଷ୍ଣ ପଞ୍ଚମୀ ତିଥିରେ ଅପ୍ରକଟ ହୋଇଛନ୍ତି । ତାଙ୍କର ଚିଦାନନ୍ଦ ଦେହକୁ ନବଦ୍ୱୀପ ଶ୍ରୀମାୟାପୁର ଧାମର ଶ୍ରୀମହାପ୍ରଭୁଙ୍କ ଆବିର୍ଭାବ ପୀଠ ସଂଲଗ୍ନରେ ସମାଧି ଦିଆଗଲା ।

ସବୁପ୍ରକାର ଦୁଃସଙ୍ଗ, କପଟତା, କୃତ୍ରିମତା, ଛଳନା ଓ ଅନ୍ୟାଭିଳାଷ ପରିତ୍ୟାଗ କରି ଏକମାତ୍ର କୃଷ୍ଣେନ୍ଦ୍ରିୟ ତର୍ପଣମୟୀ ସେବାର ପରାକାଷ୍ଠାର କଥା ଏହି ଆଚାର୍ଯ୍ୟଙ୍କର ଚରିତ୍ର ନିତ୍ୟକାଳ ଜୀବନ୍ତମୂର୍ତ୍ତିରେ ପ୍ରଚାର କରୁଛି । ଯାବତୀୟ ଧର୍ମ ବ୍ୟବସାୟ, ଯାବତୀୟ ଭୋଗ ଏବଂ ନିରୀଶ୍ୱର ତ୍ୟାଗବାଦ, ଚିତ୍‌ଜଡ଼ସମନ୍ୱୟବାଦ, ବହୁରୂପ ମାୟାବାଦ ଏବଂ ପରମାର୍ଥ ରାଜ୍ୟର ଯାବତୀୟ ଛଳନା ଏହି ଆଚାର୍ଯ୍ୟଙ୍କର ପ୍ରଚାରଦ୍ୱାରା ସମ୍ପୂର୍ଣ୍ଣ ରୂପେ ଖଣ୍ଡିତ ହୋଇଛି । ଏହି ମହାତ୍ମା ସର୍ବ ପ୍ରଥମେ ପୃଥିବୀର ସର୍ବତ୍ର ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ବାଣୀକୁ ଶୁଦ୍ଧ ଓ ନିର୍ମଳ ରୂପେ ପ୍ରଚାର କରିଥିଲେ । ଏବଂ ବର୍ତ୍ତମାନ ମଧ୍ୟ ତାଙ୍କ ଶିଷ୍ୟ ପ୍ରଶିଷ୍ୟ ମାନଙ୍କ ଦ୍ୱାରା ସାରା ବିଶ୍ୱର କୋଣ ଅନୁକୋଣରେ ରୂପାନୁଗ ଧାରାର ଶୁଦ୍ଧଭକ୍ତି ପ୍ରଚାର କରୁଛନ୍ତି ।

ସରସ୍ୱତୀ ଠାକୁର ଶ୍ରୀଳ ପ୍ରଭୁପାଦ କୃପାପୂର୍ବକ ଜଗତର ମଙ୍ଗଳ ପାଇଁ ବହୁ ଅମୂଲ୍ୟ ଉପଦେଶ ବିଭିନ୍ନ ସମୟରେ, ବିଭିନ୍ନ ବକ୍ତୃତାରେ, ବିଭିନ୍ନ ପ୍ରବନ୍ଧ ଓ ପତ୍ରାବଳୀରେ ପ୍ରଦାନ କରିଛନ୍ତି । ସେଇ ଅମୂଲ୍ୟ ଉପଦେଶକୁ ତାଙ୍କ ଶିଷ୍ୟମାନେ ପ୍ରଶ୍ନୋତ୍ତର ଜରିଆରେ ଲିପିବଦ୍ଧ କରିଛନ୍ତି । ଆଗାମୀ ଦିନରେ ଆମେ ତାକୁ ଆପଣମାନଙ୍କ ପାଖକୁ କ୍ରମାଗତ ପ୍ରେରଣ କରିବୁ ।

ଜୟଶ୍ରୀ ଦାମୋଦର ଗୌଡ଼ୀୟ ମଠ
ସଂସ୍ଥାପକ ଆଚାର୍ଯ୍ୟ:
ଶ୍ରୀଶ୍ରୀମତ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜ
ସି. ଟି. ରୋଡ୍, ପୁରୀ— ୨
ଫୋନ୍: (୦୬୭୫୨-୨୨୭୩୧୭)
ମୋବାଇଲ୍: ୦୯୭୭୬୨୩୮୩୨୮

**ବିଦ୍ର**: ପ୍ରତି ୧୫ ଦିନରେ 'ଇ ମାଗାଜିନ୍' ପଠାଇବା ପାଇଁ ଦୟାକରି ଆପଣଙ୍କ ବନ୍ଧୁମାନଙ୍କ ଇମେଲ୍ ଠିକଣାକୁ ଆମ ନିକଟକୁ ପଠାନ୍ତୁ । ଅନୁସନ୍ଧାନ କରନ୍ତୁ—

oriya website:
www.suddhabhakti.org